# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24th March - 2025

***********************************

## ମୁଖ୍ୟ ସମ୍ବାଦ

- ପ୍ରକୃତି ଅନୁକୂଳ ଜୀବନଶୈଳୀ ଭାରତୀୟ ସଂସ୍କୃତିର ଏକ ବୈଶିଷ୍ଟ୍ୟ ବୋଲି କହିଲେ ରାଷ୍ଟ୍ରପତି ।

- ସାଂସଦଙ୍କ ଦରମା, ଦୈନିକ ଭତ୍ତା ଏବଂ ପେନ୍‌ସନ୍ ପରିମାଣ ବୃଦ୍ଧି କଲେ କେନ୍ଦ୍ର ସରକାର ।

- ରାଜ୍ୟରେ ଏପର୍ଯ୍ୟନ୍ତ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ପି.ଏମ୍. ଆବାସ ଯୋଜନା ଅଧୀନରେ ପଞ୍ଜୀକରଣ କରିଛନ୍ତି; ସୂଚନା ଦେଲେ ପଞ୍ଚାୟତିରାଜ ମନ୍ତ୍ରୀ ।

ଏବଂ

- ଅପରିବର୍ତ୍ତିତ ରହିଲା ବିଦ୍ୟୁତ୍ ଦର; ଡିଜିଟାଲ୍ ପେମେଣ୍ଟରେ ୪ ପ୍ରତିଶତ ରିହାତି ପୂର୍ବଭଳି ବଳବତ୍ତର ରହିଛି ବୋଲି ସୂଚନା ଦେଲେ ଓ.ଇ.ଆର୍.ସି. ସଚିବ ।

# ରାଷ୍ଟ୍ରପତି - ନୟାଗଡ଼

ପ୍ରକୃତି ଅନୁକୂଳ ଜୀବନଶୈଳୀ ଭାରତୀୟ ସଂସ୍କୃତିରେ ଏକ ବୈଶିଷ୍ଟ୍ର ବୋଲି ରାଜଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୟାଗଡ଼ ଜିଲ୍ଲା କାଳିଆପଲ୍ଲୀଠାରେ ଭାରତୀୟ ବିଶ୍ୱାବସୁ ଶବର ସମାଜର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଆଦିବାସୀ ସମ୍ପ୍ରଦାୟ, ଜଙ୍ଗଲ ଏବଂ ଗଛକୁ ଦେବତା ଭାବରେ ପୂଜା କରନ୍ତି । ସେମାନଙ୍କ କଳା ଓ ସଂସ୍କୃତିର ସଂରକ୍ଷଣ, ପ୍ରସାର ଏବଂ ଆଦିବାସୀଙ୍କ ସଶକ୍ତୀକରଣ ଓ ଆତ୍ମନିର୍ଭରଶୀଳତା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି । ତେବେ ଏ ଦିଗରେ ଜନ ସଚେତନତା ବୃଦ୍ଧି ପାଇଁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି । କାଳିଆପଲ୍ଲୀରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଉପରେ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି ।

***Voice*** *:.........*

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ଣରେ ନୟାଗଡ଼ରେ ପହଞ୍ଚିବା ପରେ ପ୍ରଥମେ କଣ୍ଟିଲୋଠାରେ ଶ୍ରୀନୀଳମାଧବଙ୍କୁ ଦର୍ଶନ କରିଥିଲେ । କଣ୍ଟିଲୋ ବଜାର ଅଞ୍ଚଳ ଦେଇ ପଶ୍ଚିମ ଦ୍ୱାରଠାରୁ ନବନିର୍ମିତ ଲିଫ୍ଟ ଏବଂ ସ୍କାଏ-ବ୍ରିଜ୍‌ରେ ରାଷ୍ଟ୍ରପତି ମନ୍ଦିରକୁ ପ୍ରବେଶ କରିଥିଲେ । ଗର୍ଭଗୃହରେ ରାଷ୍ଟ୍ରପତି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ ।

ଏହି କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ ।

***Desk***

## ସାଂସଦ ଦରମା ବୃଦ୍ଧି

କେନ୍ଦ୍ର ସରକାର ସାଂସଦମାନଙ୍କର ଦରମା, ଦୈନିକ ଭତ୍ତା ଏବଂ ପେନ୍‌ସନ୍ ପରିମାଣ ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତହାର ଅନୁଯାୟୀ ଏଣିକି ସାଂସଦମାନେ ମାସିକ ଦରମା ୧ ଲକ୍ଷ ଟଙ୍କା ପରିବର୍ତ୍ତେ ୧ ଲକ୍ଷ ୨୪ ହଜାର ଟଙ୍କା ପାଇବେ । ସେହିଭଳି ଦୈନିକ ଭତ୍ତାକୁ ୨ ହଜାର ଟଙ୍କାରୁ ଅଢ଼େଇ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ଅନ୍ୟ ପକ୍ଷରେ ପୂର୍ବତନ ସାଂସଦମାନଙ୍କର ପେନ୍‌ସନ୍ ପରିମାଣ ପୂର୍ବରୁ ୨୫ ହଜାର ଟଙ୍କା ଥିବା ବେଳେ ଏହାକୁ ୩୧ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ବର୍ଦ୍ଧିତହାର ୨୦୨୩ ମସିହା ଏପ୍ରିଲ୍ ୧ ତାରିଖରୁ ପିଛିଲା ଭାବେ ଲାଗୁ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ କୁହାଯାଇଛି ।

# କାଳବୈଶାଖୀ - କ୍ଷୟକ୍ଷତି

ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗତ ଗୁରୁବାର ପ୍ରବଳ କୁଆପଥରଜନିତ ବର୍ଷା ହୋଇଥିଲା । ଏହାର ପ୍ରଭାବରେ ଜିଲ୍ଲାର ୧୩ଟି ବ୍ଲକ୍‌ର ୫୧ଟି ଗ୍ରାମର ୮ ହଜାର ୫୪୭ ଜଣ ପ୍ରଭାବିତ ହୋଇଥିଲେ । ବିଧାନସଭାରେ ଆଜି ମୟୂରଭଞ୍ଜ ଜିଲ୍ଲାରେ କାଳବୈଶାଖୀ ଉପରେ ବିବୃତ୍ତି ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି । ସେ କହିଛନ୍ତି, ପ୍ରଭାବିତ ଲୋକଙ୍କୁ ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୪ଟି ରିଲିଫ୍ ଶିବିର ମାଧ୍ୟମରେ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି । ସ୍ୱାସ୍ଥ୍ୟସେବା ପ୍ରଦାନ ଲକ୍ଷ୍ୟରେ ପ୍ରଭାବିତ ଅଞ୍ଚଳରେ ୧୫ଟି ଡାକ୍ତରୀ ଦଳଙ୍କୁ ମୁତୟନ କରାଯାଇଥିଲା । ଅଗ୍ରାଧିକାର ଭିତ୍ତିରେ ଜିଲ୍ଲାକୁ ପଲିଥିନ୍ ଯୋଗାଇ ଦିଆଯାଇଛି । ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ବାଙ୍ଗିରିପୋଷୀ ଏବଂ ସାରସକଣା ବିଧାୟକ ପ୍ରଭାବିତ ଅଞ୍ଚଳରେ ଉପସ୍ଥିତ ରହିଥିଲେ । ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗତ ଶନିବାର ଦିନ କ୍ଷେତ୍ରୀୟ ପରିଦର୍ଶନ କରିବା ସହ ପରିସ୍ଥିତିର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କୁ କ୍ଷୟକ୍ଷତିର ପ୍ରାରମ୍ଭିକ ଆକଳନପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରାରମ୍ଭିକ ରିପୋର୍ଟ ଆଧାରରେ ପ୍ରଭାବିତ ଅଞ୍ଚଳ ପାଇଁ ୨୦ କୋଟି ୩୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ମନ୍ତ୍ରୀ ଶ୍ରୀ ପୂଜାରୀ ଗୃହରେ

ସୂଚନା ଦେଇ କହିଛନ୍ତି, ଗତକାଲି ସେ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯାଇ ବିଶେଷ ପ୍ରଭାବିତ ବିଶୋୟୀ ଓ ବାଙ୍ଗିରିପୋଷୀ ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ପ୍ରାଥମିକ ଆକଳନ ଅନୁଯାୟୀ ୩ ହଜାର ୫୧୪ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଥିବାବେଳେ ୪୪୨ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । କ୍ଷୟକ୍ଷତିର ପୂର୍ଣ୍ଣାଙ୍ଗ ଆକଳନ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ବଜେଟ୍ ଅଧିବେଶନର ଏକାଦଶ ଦିନରେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ପୂର୍ବାହ୍ନରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା ।

*HS*

## ବିଧାନସଭା - ପି.ଏମ୍. ଆବାସ

ରାଜ୍ୟରେ ଏପର୍ଯ୍ୟନ୍ତ ୨୪ ଲକ୍ଷ ୨୨ ହଜାର ୭୧୧ ଜଣ ପି.ଏମ୍. ଆବାସ ଯୋଜନା ଅଧୀନରେ ପଞ୍ଜୀକରଣ କରିଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ବିଧାନସଭାରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ଯୋଜନା ଅଧୀନରେ ଆବାସ ଯୋଗାଣରେ ପାତର ଅନ୍ତର ହେବ ନାହିଁ । ତେବେ କିଛି ହିତାଧିକାରୀ ବାଦ୍ ପଡ଼ିଥିବା ସଂକ୍ରାନ୍ତ ଅଭିଯୋଗ ଉପରେ ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି, ଜିଲ୍ଲାପାଳ ଏବଂ ସି.ଡି.ଓ.ଙ୍କ ପାଖରେ ଏନେଇ ଲିଖିତ ଅଭିଯୋଗ ଦାଖଲ କରିବାକୁ ପଡ଼ିବ । ଏହି ଯୋଜନାର ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଲେ ସର୍ଭେ ଅଧିକାରୀଙ୍କ

ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । କଳାହାଣ୍ଡିରେ ଆସନ୍ତା ୩୦ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ବାସଗୃହ ବଣ୍ଟନ କରିବେ ବୋଲି ମନ୍ତ୍ରୀ ଶ୍ରୀ ନାଏକ ଗୃହରେ ସୂଚନା ଦେଇଛନ୍ତି ।

***HS***

# ବିଧାନସଭା – ଡାକ୍ତର ପଦବି

ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ୫ ହଜାର ୧୭୫ଟି ଡାକ୍ତର ପଦବି ଖାଲି ପଡ଼ିଛି । ବିଧାନସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ  ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ସେଥିମଧ୍ୟରୁ ରାଜ୍ୟର ମେଡିକାଲ୍ କଲେଜଗୁଡ଼ିକରେ ୧ ହଜାର ୫୪ଟି ଅଧ୍ୟାପକ ପଦବି ଖାଲି ପଡ଼ିଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

***HS***

# ବିଧାନସଭା – ନଳକୂପ ଖନନ

ଚଳିତ ବର୍ଷ ରାଜ୍ୟରେ ୨୦ ହଜାର ୯୦୪ଟି ନୂଆ ନଳକୂପ ଖନନ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ବିଧାନସଭାରେ

ସୂଚନା ଦେଇଛନ୍ତି । ଗ୍ରୀଷ୍ମରେ ଜଳସଙ୍କଟ ପରିସ୍ଥିତିକ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଆସନ୍ତା ଜୁନ୍ ମାସ ୧୫ ତାରିଖ ସୁଦ୍ଧା ନଳକୂପ ଖନନ କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ ନିଆଯାଉଛି । ଆବଶ୍ୟକ କ୍ଷେତ୍ରରେ ଆଉ ଅଧିକ ୧ ହଜାର ନଳକୂପ ଖନନ କରାଯିବ ବୋଲି ସେ କହିଛନ୍ତି । ଏଥିପାଇଁ ୩୫୪ କୋଟି ଟଙ୍କ ମଞ୍ଜୁର ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି ।

***Desk, Sonepur, Rayagada, Bhadrak, Gajapati, Kalahandi, Ganjam/R***

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରଠାରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ଶିବିରରେ ୧୨୫ଟି ଅଭିଯୋଗର ଶୁଣାଣି ହୋଇଥିଲା । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅଭିଯୋଗଗୁଡ଼ିକର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୪୯ଟି ଅଭିଯୋଗ ଉପରେ ଶୁଣାଣି ହୋଇଛି ।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବଅନ୍ତ ବ୍ଲକ୍ କାର୍ଯ୍ୟାଳୟଠାରେ ପଞ୍ଜିକୃତ ହୋଇଥିବା ୧୧୯ଟି ଅଭିଯୋଗର ଶୁଣାଣି ହୋଇଥିଲା ।

ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ଅନ୍ତର୍ଗତ ଶିଆଳି ଗ୍ରାମସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣିରେ ୭୯ଟି ଦରଖାସ୍ତ ଉପରେ ଶୁଣାଣି ହୋଇଥିଲା ।

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍‌ସ୍ତରୀୟ ଯୁଗ୍ମ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୩୭ଟି ଅଭିଯୋଗର ଶୁଣାଣି ହୋଇଛି । ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ଜନଶୁଣାଣି ଶିବିର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏଥିରେ ୧୦୫ଟି ଅଭିଯୋଗର ଶୁଣାଣି ହୋଇଥିଲା । ୨ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ।

*Nabarangpur/R*

## ଜନସମ୍ପର୍କ ଶିବିର

ନବରଙ୍ଗପୁର ଜିଲ୍ଲ ଝରିଗାଁ ବ୍ଲକ୍ ସାନଚେମରା ଗ୍ରାମଠାରେ ଜିଲ୍ଲା ପୁଲିସ୍ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି । ଆଇନଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା ଏବଂ ଅପରାଧିକ କାର୍ଯ୍ୟକଳାପକୁ ପ୍ରତିହତ କରିବାପାଇଁ ପୁଲିସ୍ ବିଭାଗ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଏଥିରେ ୫ ଶହରୁ ଅଧିକ

ଲୋକ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

***Desk***

# ବିଦ୍ୟୁତ୍ ଦର

ରାଜ୍ୟରେ ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରହିଛି । ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ସଚିବ ପ୍ରିୟବ୍ରତ ପଟ୍ଟନାୟକ ଆଜି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଡିଜିଟାଲ୍ ପେମେଣ୍ଟରେ ୪ ପ୍ରତିଶତ ରିହାତି ପୂର୍ବଭଳି ବଳବତ୍ତର ରହିଛି । ସେହିପରି ୨ କିଲୋୱାଟ୍ ପର୍ଯ୍ୟନ୍ତ ସ୍ମାର୍ଟ ମିଟର୍ କ୍ଷେତ୍ରରେ ଶୁଳ୍କକୁ ଛାଡ଼ କରାଯାଇଥିବା ସେ ସୂଚନା ଦେଇଛନ୍ତି ।

***Voice :.........***

***BBSR/R***

# ବିରୋଧୀ ସଦସ୍ୟଙ୍କ ଆଚରଣ

ବିଧାନସଭା ଭିତରେ ଏବଂ ବାହାରେ ବିରୋଧୀ କଂଗ୍ରେସ ଓ ବି.ଜେ.ଡି.ର ଆଚରଣ ଏବଂ ଉଚ୍ଚାରଣ ସଂସଦୀୟ ଗଣତନ୍ତ୍ରର ବିରୁଦ୍ଧାଚରଣ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବିଧାନସଭାରେ

ବିରୋଧୀଙ୍କ ହଟ୍ଟଗୋଳ ଏବଂ ଅଚଳାବସ୍ଥାକୁ ନେଇ ଗଣମାଧ୍ୟମ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ସରକାର ଯେକୌଣସି ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ତେବେ କଂଗ୍ରେସ ସଦସ୍ୟଙ୍କ ଅସହଯୋଗ ଏବଂ ହଟ୍ଟଗୋଳ ଯୋଗୁଁ ଚଳିତ ଅଧିବେଶନର ଏକାଦଶ ଦିନରେ ମଧ୍ୟ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ସମାଧାନପାଇଁ ବାଚସ୍ପତି ୩ ଥର ସର୍ବଦଳୀୟ ବୈଠକ ଡକାଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରି ନାହିଁ । ଗୃହମଧ୍ୟରେ କଂଗ୍ରେସ ସଦସ୍ୟଙ୍କ ଆଚରଣ ଅସମ୍ମାନଜନକ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଉଲ୍ଲେଖ କରିଛନ୍ତି । ଏହି ସମ୍ମିଳନୀରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଏବଂ ବି.ଜେ.ପି. ବିଧାୟକ ଇରାଶୀଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

***Malkangiri/R***

# ଯକ୍ଷ୍ମା ଦିବସ

ମାଲକାନଗିରି ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଠାରେ ବିଶ୍ୱ ଯକ୍ଷ୍ମାଦିବସ ପାଳିତ ହୋଇଛି । ଅତିରିକ୍ତ ଜିଲ୍ଲା ଯକ୍ଷ୍ମା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିବାକର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସି.ଏଚ୍. ଜଗନ୍ନାଥ ରାଓ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ

ସ୍ୱାସ୍ଥ୍ୟ ଅଧିକାରୀ ଯୋଗଦେଇ ଯକ୍ଷ୍ମାରୋଗର ଲକ୍ଷଣ ଏବଂ ଏହାର ନିରାକରଣ ନେଇ ଆଲୋଚନା କରିଥିଲେ ।

*****